# Akashvani, Sambalpur

## SAMBALPURI NEWS EVENING BULLETIN

## 12 August 2025- 7.02 pm- 7.12 pm.

*********************************************

୧- ଓଡ଼ିଶା ନ ୨ଟା ସେମି କଣ୍ଡକ୍ଟର ପ୍ରସ୍ତୁତି କାରଖାନା ଥାପ୍ନା ଲାଗି କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୨- ଓଡ଼ିଶା ସାମୁଦ୍ରିକ୍ ଜୈବ ପ୍ରଯୁକ୍ତି ବିଦ୍ୟା ଗବେଷଣା ଆଉ ନୂଆ ସୃଜନ୍ କରିଡର୍ -ଓଏମ୍‌ବ୍ରିକ୍‌ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ସୁବର୍ଣ୍ଣପୁର ଜିଲ୍ଲା ନ ଭିନ୍ ଭିନ୍ ଉନ୍ନୟନ ମୂଳକ୍ କାମ୍‌ର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ।

ଆଉର୍

୪-ଅନ୍ତର୍ଜାତୀୟ ଯୁବ ଦିବସ୍ ଅବ୍‌ସରେ ରାଏଜେ ମୁଲ୍ ହେଲା ଏଡ୍‌ସ ନିରାକରଣ ଲାଗି ଖାସ୍ ଅଭିଯାନ୍ ।

କେନ୍ଦ୍ର କେବିନେଟ୍- ସେମି କଣ୍ଡକ୍ଟର ୟୁନିଟ୍ ଏନ୍ଏସ୍ଡି

ଓଡ଼ିଶା, ପଞ୍ଜାବ ଆଉ ଆନ୍ଧ୍ରପ୍ରଦେଶ୍ ନ ୪ଟା ନୂଆ ସେମି କଣ୍ଡକ୍ଟର ତିଆର୍ କାରଖାନା ଥାପ୍ନା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍ ନ ଆଏଜ୍ ୪ ହଜାର ୫ ଶହ ୯୪ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ସେଥିର୍ ଭିତ୍ରେ ଓଡ଼ିଶା ନ ଦୁଇଟା ୟୁନିଟ୍ ଠାନ୍ ପାଇଛେ । ଇଥି ଭୁବନେଶ୍ୱର୍ ନ ଗୁଟେ ସିଲିକନ୍ କାର୍ବାଇଟ୍ ସେମି କଣ୍ଡକ୍ଟର ୟୁନିଟ୍ ଆଉ ଗୁଟେ ଥ୍ରି ଡି ଗ୍ଲାସ୍ ସେମି କଣ୍ଡକ୍ଟର ୟୁନିଟ୍ ରହିଛେ । କେବିଟେନ୍ ବୈଠକ୍ ବାବ୍ଦେ ଗଣମାଧ୍ୟମ୍କେ ସୂଚ୍ନା ଦେଇକରି ସୂଚ୍ନା ଆଉ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍, ଗଲା ୧୧ ବଛର୍ ଭିତ୍ରେ ଇଲେକ୍ଟ୍ରୋନିକ୍ସ ଦରବ୍ ତିଆର୍ ୬ ଗୁନା ବଢ଼ିଥିଲା ବେଲ୍କେ ଇତାର୍ ଉତ୍ପାଦନ୍ ୮ ଗୁନା ବଢ଼ିଛେ । ଇତାର୍ ସହେତେ ମୋବାଇଲ୍ ତିଆର୍ କାର୍ଖାନାର୍ ସଂଖ୍ୟା ଭିଲ୍ ୨ ନୁ ୩୦୦ଟା ହେଇଛେ । ଇତାକେ ନଜର୍ଥି ରହିକରି କେନ୍ଦ୍ର ସରକାର ସେମି କଣ୍ଡକ୍ଟର କ୍ଷେତ୍ରକେ ଆହୁରି ବର୍କସ୍ କର୍ବାର୍କେ ଚେରେଷ୍ଟା ଚଲେଇଛନ୍ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

(ଭଏସ୍ ଓଭର୍-----ଅଶ୍ୱିନୀ ବୈଷ୍ଣବ)

ଓମ୍ବ୍ରିକ୍-ମୁଖ୍ୟମନ୍ତ୍ରୀ I&PR

ଓଡ଼ିଶା ସାମୁଦ୍ରିକ୍ ଜୈବ ପ୍ରଯୁକ୍ତି ଗବେଷଣା ଆଉ ନୂଆ ସୃଜନ୍ କରିଡର୍ -ଓଏମ୍ବ୍ରିକ୍ କରିଡର୍ ରାଜ୍ୟର୍ ବ୍ଲୁ ଇକୋନୋମି କ୍ଷେତ୍ରଥି ଓଡ଼ିଶା ଜାତୀୟ ସ୍ତର୍‌ଥି ନେତୃତ୍ୱ ନେବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ  ଓଏମ୍ବ୍ରିକ୍ କରିଡର୍‌ର ଉଦ୍‌ଘାଟନ୍ କରି କରି ମୁଖ୍ୟମନ୍ତ୍ରୀ ରାଜ୍ୟ ବିଜ୍ଞାନ ଆଉ ପ୍ରଯୁକ୍ତି ବିଦ୍ୟା ବିଭାଗ୍ ତର୍‌ଫୁ ତିଆର୍ କରାଯାଇଥିବା ଇ କରିଡର୍ ଜରିଏ ସମୁଦ୍ର ଖଣି ଇଲାକାନ ପରିବେଶ ସୁରକ୍ଷା, ବିଜ୍ଞାନ୍ ଭିତିକ୍ ପର୍ଯ୍ୟଟନ୍, ନିବେଶ, ନିଯୁକ୍ତି ଆଉ ଜୀବନ୍ ଜୀବିକାକେ ତହଁକାବା ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ଇ କ୍ଷେତ୍ରର୍ ବିକାଶ ଲାଗି ବିଜ୍ଞାନ ଆଉ ପ୍ରଯୁକ୍ତି ବିଦ୍ୟା ବିଭାଗ୍ ଆଉ ଜାତୀୟ ସାମୁଦ୍ରିକ୍ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ୍-ଏନ୍‌ଆଇଓଟି ଭିତ୍‌ରେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ ।

ସଚିବ ସ୍ତରୀୟ ବୈଠକ୍ ଭୁବନେଶ୍ୱର ସମ୍ବାଦଦାତା

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍ଠାନେ ସଚିବସ୍ତରୀୟ ବୈଠକ୍ ହେଇଯାଇଛେ । ବୈଠକ୍ଥି ୧୦ଟା ମୁଖିଆ ପ୍ରସଙ୍ଗ ଉପ୍ରେ ଆଲୋଚନା କରାଯାଇଛେ । ରାଏଜେ ସବୁ ସରକାରୀ କାର୍ଯ୍ୟାଳୟ ନ କୃତ୍ରିମ ବୁଦ୍ଧିମତା- ଏଆଇ କେମ୍ରା ଲଗାବାର୍ ଲାଗି ବୈଠକ୍ଥି ନିଷ୍ପତି ହେଇଛେ । ପହେଲା ଖେପେ ଭୁବନେଶ୍ୱର ଖାରବେଲ ଭବନ ଆଉ ଲୋକ ସେବା ଭବନ୍ଠାନେ ଏଆଇ କେମ୍ରା ଲଗାଯିବା । ତାର୍ ଉତ୍ରୁ ଜିଲ୍ଲାସ୍ତରର୍ ସରକାରୀ କାର୍ଯ୍ୟାଳୟ ନ ଇ କେମ୍ରା ଲଗାବାର୍କେ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ୍ ଦେଇଛନ୍ ।

ସେଆଡ଼େ ଭଲ୍ ପ୍ରଦର୍ଶନ୍ ନାଇ କରୁଥିବା ଅଧିକାରୀମାନ୍ଙ୍କର କାମ୍ର ହର୍ଦିନ୍ ସମୀକ୍ଷା କରାଯିବା ସହେତେ ସେମାନଙ୍କର ଭିତ୍ରେ ସୁଧାର୍ ଆନ୍ବାର୍ ଲାଗି ଭର୍ପୁର ସୁଯୋଗ୍ ଦିଆଯିବା । ସୁଧାର୍ ନାଇ ଆସ୍ଲେ ବାଧ୍ୟତାମୁଲକ୍ ଅବସର ଦିଆଯିବା ବଲି ଶ୍ରୀ ଆହୁଜା କହିଛନ୍ । ଫିଁ ମାସର୍ ୭ ତାରିଖ୍କେ ଜିଲ୍ଲାପାଲ୍ମାନେ କେନ୍ଦ୍ରୀୟ ଯୋଜ୍ନାମାନ୍କର ଅଗ୍ରଗତିର୍ ସମୀକ୍ଷା କର୍ବେ ।

ସ୍ୱାଧୀନତା ଦିବସ ଅତିଥି ତାଲିକା ଭୁବନେଶ୍ୱର ସମ୍ବାଦଦାତା

୭୯ ନମ୍ବର ସ୍ୱାଧୀନତା ଦିବସ ପାଲନ୍ ଆଗୋନୁ ଭିନ୍ ଭିନ୍ ଜିଲ୍ଲା ନ ପତାକା ଉତୋଲନ୍ କର୍‌ବାର୍ ଲାଗି ରାଜ୍ୟ ସରକାରଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗ ନ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଉତୋଲନ୍ କର୍‌ବେ । କେନ୍ଦୁଝର୍‌ନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଉ କଟକ ନ ପ୍ରଭାତି ପରିଡ଼ା ପତାକ ଉତୋଲନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସମ୍ବଲପୁର ନ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ, ବଲାଙ୍ଗୀର ନ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, କଲାହାଣ୍ଡି ନ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସୁନ୍ଦରଗଡ଼ ନ  ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପ୍ରମୁଖ ପ୍ରତାକା ଉତୋଲନ୍ କର୍‌ବେ ।

ସ୍ୱାସ୍ଥ୍ୟ ବିଭାଗ-ଜାତୀୟ ସମ୍ମାନ I&PR

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ହେଇଥିବା ବିଶ୍ୱ ମୁଖ ଗହ୍ୱର୍ ସ୍ୱାସ୍ଥ୍ୟ ଦିବସ୍-୨୦୨୫ ଆଉ ତମାଖୁ ମୁକ୍ତ ଯୁବ ଅଭିଯାନ୍ ୨ ନମ୍ବର୍ ଖେପ୍‌ଥି ଭଲ୍ ପ୍ରଦର୍ଶନ୍ କରିଥିବାର୍‌ନୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ଜାତୀୟ ସ୍ତର୍‌ଥି ସମ୍ମାନୀତ୍ ହେଇଛେ । ସେନ୍ତା ତମାଖୁ

ମୁକ୍ତ ଯୁବ ଅଭିଯାନ୍ ଲାଗି ଓଡ଼ିଶାକେ ଶ୍ରେଷ୍ଠ କାର୍ଯ୍ୟକୁଶଲ୍ ରାଜ୍ୟ ଭାବେ ଭିଲ୍ ପୁରସ୍କୃତ୍ କରାଯାଇଛେ । ନୂଆଦିଲ୍ଲୀ ଏମ୍ବଠାନେ ଗୁଟେ ସମାରୋହଥି ଇ ପୁରସ୍କାରକେ ରାଜ୍ୟ ପରାମର୍ଶଦାତା ଗ୍ରହଣ କରିଛନ୍ ।

ଉପ ମୁଖ୍ୟମନ୍ତ୍ରୀ ଗସ୍ତ ସୁବର୍ଣ୍ଣପୁର, ବଲାଙ୍ଗୀର

ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତି ପରିଡ଼ା ଆଏଜ୍ ଦିନ୍କିଆ ସୁବର୍ଣ୍ଣପୁର ଗସ୍ତ କରି କରି ଜିଲ୍ଲାର୍ ମୁଖିଆ ପର୍ଯ୍ୟଟନ୍ ସ୍ଥଲି ବୁଲି ଦେଖିଛନ୍ । ଜିଲ୍ଲା ନ ପର୍ଯ୍ୟଟନ୍‌ର ବିକାଶ୍ ବାବ୍‌ଦେ ପ୍ରଶାସନ୍ ଆଉ ସାଧାରଣ ଲକ୍‌କର ସଙ୍ଗେ ଆଲୋଚନା କରିଛନ୍ । ତାର୍ ଉତ୍‌ରୁ ଶ୍ରୀମତୀ ପରିଡ଼ା ଜିଲ୍ଲା ସର୍କିଟ୍ ହାଉସ୍ ନ ଭିନ୍ ଭିନ୍ ବିଭାଗ୍‌ର ଅଧିକାରମାନ୍‌ଙ୍କର ସଙ୍ଗେ ଜିଲ୍ଲାନ ଚାଲିଥିବା ବିକାଶ୍‌ମୂଲକ୍ କାମ୍ ବାବ୍‌ଦେ ଆଲୋଚନା କରିଛନ୍ ।

ଇତାର୍ ଆଗୋନୁ ଶ୍ରୀମତି ପରିଡ଼ା ଆଏଜ୍ ସକାଲ୍‌ବେଲା ବଲାଙ୍ଗୀର ଜିଲ୍ଲା ନ ସୁଭଦ୍ରା ହିତାଧିକାରୀ ଆଉ ଲକ୍ଷପତି ଦିଦି ମାନ୍‌ଙ୍କର ସଙ୍ଗେ ଆଲୋଚନା କରିଛନ୍ । ସୁଭଦ୍ରା ହିତାଧିକାରୀଙ୍କୁ ସାହାଜ୍ ଟଙ୍କାର୍ ବେଭାର୍ ବାବ୍‌ଦେ ପଚ୍‌ରେଇ ବୁଝିଛନ୍ । ତାର୍

ଉତ୍ତରୁ ଜିଲ୍ଲା ନ ଚାଲିଥିବା ବିଭାଗୀୟ କାମ୍‌ମାନ୍‌କର ଅଗ୍ରଗତି ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଛନ୍ ।

ଏଚ୍‌ଆଇଭି ନିରାକରଣ ଅଭିଯାନ୍        ବ୍ରହ୍ମପୁର ସମ୍ବାଦଦାତା

ଅନ୍ତର୍ଜାତୀୟ ଯୁବ ଦିବସ୍ ଅବ୍‌ସରେ ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟଠାନେ ଏଚ୍‌ଆଇଭି ଏଡ୍‌ସ ଆଉ ଯୌନ ସଂକ୍ରମଣ ନିରାକରଣ ଲାଗି ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଅଭିଯାନ୍‌ର ଶଭ୍ଭାରମ୍ଭ କରାଯାଇଛେ । ଇଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ଇତାର୍ ଜରିଏ ତୃଣମୁଲ୍ ସ୍ତର୍ ନ ଏଚ୍‌ଆଇଭି ଏଡ୍‌ସକେ ନେଇକରି ସଚେତନ କରାଯିବା । ଇ ଅଭିଯାନ୍ ଆଏବା ଅକ୍ଟୋବର ୧୧ ତାରିଖ୍ ତକ୍ ଚାଲ୍‌ବା ।

କୃମି ନାଶକ୍ ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

କୃମି ସଂକ୍ରମଣର ବିପଦ୍‌ର ମୁକାବିଲା ଆଉ ଲୁକ୍‌କୁ ସଚେତନ୍ କର୍‌ବାର ଲାଗି ଆଏଜ୍ ଜାତୀୟ କୃମିନାଶକ୍ ଦିବସ୍ ପାଲନ୍

କରାଯାଉଛେ । ମୁନୁଷ୍ ଶରୀର୍ ଉପ୍‌ରେ କୃମି ଖରାପ୍ ପ୍ରଭାବ୍ ପକାସି । ଇତାର୍ ପ୍ରଭାବ୍‌ଥି ପୁଷ୍ଟିହୀନତା ଆଉ ରକ୍ତହୀନତା ଦେଖାଯିବାର୍ ସହେତେ ମାନସିକ ଆଉ ଶାରୀରିକ୍ ବିକାଶ୍‌ଥି ବାଧା ହେସି । ଇତାର୍ ମୁକାବିଲା ଲାଗି ଜାତୀୟ କୃମି ନାଶକ୍ ଦିବସ୍ ଅବ୍‌ସରେ ଆଏଜ୍ ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ବିଭାଗ୍ ତର୍‌ଫୁ ରାଏଜେ କୃମିନାଶକ୍ ଉଷୋ ଖୁଆଯାଇଛେ । ୧ ନୁ ୧୯ ବଛରର୍ ଛୁଆମାନ୍‌କୁ ଇ ଉଷୋ ଖୁଆଯାଇଛେ । ଯେନ୍‌ମାନେ ଆଏଜ୍ ଉଷୋ ନାଇ ଖାଇଥିବେ ଆଏବା ମଙ୍ଗଲବାର୍ ଦିନ ସେମାନ୍‌ଙ୍କୁ ଖୁଆଯିବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବିଶ୍ୱ ହାତୀ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ହାତୀକର୍ ସୁରକ୍ଷା ଆଉ ସଂରକ୍ଷଣ ବାର୍ତା ନେଇକରି ୨୦୧୧ ମସିହାନୁ ଆଝିରର୍ ଦିନ୍‌କେ ବିଶ୍ୱ ହାତୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ୨୦୨୪ ହାତୀ ଗନ୍‌ତି ରିପୋର୍ଟ ଅନ୍‌ସାରେ, ରାଜ୍ୟର୍ ୨୮ଟା ଜିଲ୍ଲାର ୪୮ଟା ବନ ଖଣ୍ଡେ ନ ହାତୀ ସଂଖ୍ୟା ୨ ହଜାର ଶହେ ୩ ଥିଲା । ବିଶ୍ୱ ହାତୀ ହିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଭେ ମିଶିକରି

ହାତୀ ସୁରକ୍ଷା ଲାଗି ସଂକଳ୍ପ ନେବାର୍‌କେ ଆହ୍ୱାନ୍ ଦେଇଛନ୍ । ମୁନୁଷ୍-ହାତୀ ସଂଘର୍ଷ ରୁକ୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ବିଶ୍ୱ ହାତୀ ଦିବସ୍ ଅବ୍‌ସରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍‌ର ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ କହିଛନ୍....

(ଭଏସ୍ ଓଭର୍-------ଅଂଶୁପ୍ରଜ୍ଞା ଦାସ)

ହର୍ ଘର୍ ତ୍ରିରଙ୍ଗା ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ଗୋଶାଲା ନ ଥିବା ସିଆର୍‌ପିଏଫ୍ ଗ୍ରୁପ୍ କେନ୍ଦ୍ର ତର୍‌ଫୁ ଆଏଜ୍ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ କେନ୍ଦ୍ର ତର୍‌ଫୁ ଗୋଶାଲା ଆଉ ଚିପିଲିମା ଗାଁକେ ମୋଟର ସାଇକେଲ୍ ଶୋଭାଯାତ୍ରାର୍ ଆୟୋଜନ୍ କରାଯାଇଥିଲା । ପାଖାପାଖି ଦେଢ଼ ଶହ ଯବାନ୍ ଶୋଭଯାତ୍ରାଥି ସାମିଲ୍ ହେଇଥିଲେ । ଶୋଭାଯାତ୍ରା ଇଲାକା ନ ହର୍ ଘର ତ୍ରିରଙ୍ଗା ଅଭିଯାନ୍‌କେ ତହଁକକାବାର୍ ସହେତେ ଆଂଚଲିକ୍ ଏକ୍‌ତା ଆଉ ସଦ୍‌ଭାବ୍‌ନାକେ ଭିଲ୍ ତହଁକେଇଥିଲା ।

ହର୍ ଘର୍ ତ୍ରିରଙ୍ଗା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗାନ ଆଏଜ୍ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ବୌଦ୍ଧ ସହର୍ ୨ ଶହ ୨ ମିଟର୍ ଲମ୍ବା ତ୍ରିରଙ୍ଗା ପତାକା ସଙ୍ଗେ ତ୍ରିରଙ୍ଗା ଶୋଭଯାତ୍ରାର ଆୟୋଜନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଶୋଭାଯାତ୍ରାର୍ ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ଜିଲ୍ଲାପାଳଙ୍କର କାର୍ଯ୍ୟାଳୟନୁ ବାହାରି କରି ଷ୍ଟାଡିୟମ୍‌କେ ପୁହୁଁଚିଥିଲା । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଧାନ୍ ଘିନା ଚାଷୀ ପଞ୍ଜିକରଣ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଧାନ୍ ବିକ୍ରି କର୍‌ବାର ଲାଗି ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଆଏବା ୧୪ ତାରିଖ୍ ଗୁର୍‌ବାର୍ ଦିନ୍‌ତକ୍ ବଢ଼ାବାର୍ ଲାଗି ଜିଲ୍ଲାପାଳ ରାଜସ୍ୱ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ନୂଆ ପଞ୍ଜିକରଣ ନିୟମ୍ ଲାଗି ପ୍ରକ୍ରିୟା ସାମାଏନ୍ ଡେରି ହଉଥିବାର୍‌ନୁ ଜିଲ୍ଲାପାଲ୍ ଇ ନିର୍ଦ୍ଦେଶ୍ ଦେଇଥିବା ଜନାପଡ଼ିଛେ ।

ହର୍ ଘର୍ ତ୍ରିରଙ୍ଗା କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ପାଖର୍ ଅଟାଙ୍ଗଗୁଡ଼ାଠାନେ ଥିବା ସିଆର୍‌ପିଏଫ୍‌ର ୬୪ ବାଟାଲିଅନ୍ ତର୍‌ଫୁ ହର୍ ଘର୍ ତ୍ରିରଙ୍ଗା ଅଭିଯାନ୍‌ଥି ଗୁଟେ ମୋଟର୍ ସାଇକେଲ୍ ଶୋଭଯାତ୍ରା ହେଇଯାଇଛେ । ସିଆର୍‌ପିଏଫ୍ କମାଣ୍ଡାଂଟ୍ ଅଜୟ କୁମାର୍‌ଙ୍କ ନେତୃତ୍ୱଥି ହେଇଥିବା ଶୋଭାଯାତ୍ରା ସିଆର୍‌ଫିଏଫ୍ କେମ୍ପନୁ ବାହାରି କରି ସହର ପରିକ୍ରମା କରିଥିଲା । ଇଥି ସହରର୍ ବହୁତ୍ ସ୍ୱେଚ୍ଛାସେବୀ ଆଉ ଭିନ୍ ଭିନ୍ ସଙ୍ଗଠନ୍‌ର ସଦସ୍ୟ ସାମିଲ୍ ହେଇଥିଲେ ।

ପୋସ୍ ଆଇନ୍ ସଚେତନତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଲୋକଦୃଷ୍ଟି କଲେଜ୍ ନ ଆଭ୍ୟନ୍ତରୀଣ ଅଭିଯୋଗ୍ କମିଟିର୍ ସଚେତନ୍‌ତା କାର୍ଯ୍ୟକ୍ରମ୍ ହେଇଯାଇଛେ । କଲେଜ୍ ଅଧ୍ୟକ୍ଷା ଶ୍ୱେତା ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି କମିଟିର୍ ଭୂମିକା, କ୍ଷମତା ଆଉ ପରିଚାଲ୍‌ନା

ସହେତେ କାର୍ଯ୍ୟସ୍ଥଲ୍ ନ ଯୌନ ନିର୍ଯାତନା ନିରୋଧ୍ ଆଇନ୍ ବାବ୍‌ଦେ ସଚେତନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ଆଉ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏବାକାଏଲ୍ ତକ୍ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୫ ଦିନ୍‌ତକ୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲାନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ମାଲକାନଗିରି, କୋରାପୁଟ୍ ଆଉ ନବରଙ୍ଗପୁର୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।